# Akashvani, Sambalpur

## SAMBALPURI NEWS BULLETIN

### 18 July 2024- 6.47- 6.52 am.

*********************************************

ରତ୍ନଭଣ୍ଡାର୍ ଖୁଲ୍‌ବା ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ମହାପ୍ରଭୁଙ୍କର୍ ଭିତର ରତ୍ନଭଣ୍ଡାର୍ ଆଏଜ୍ ଫେର୍‌ଘାଏ ଖୁଲାଯିବା । ଧାରିଜ୍ ପ୍ରକ୍ରିୟା ଆଧାର୍ ନ ପହେଲା ରତ୍ନଭଣ୍ଡାର୍ ଖୁଲ୍‌ଲା ଉତ୍‌ରୁ ଭିତର୍ ରତ୍ନଭଣ୍ଡାର୍ ଖୁଲାଯିବା । ସକାଲର୍ ୯ ବାଜିକରି ୧୫ ମିନିଟ୍‌ନୁ ମଏଧାନର୍ ୧୨ ବାଜିକରି ୧୫ ମିନିଟ୍ ଭିତ୍‌ରେ ରତ୍ନଭଣ୍ଡାର୍‌ର ତାଲା ଖୁଲାଯିବା ବଲି ଜନାପଡ଼ିଛେ । ଥିତି ଅନୁଧାନ୍ ଉତ୍‌ରୁ ରତ୍ନଭଣ୍ଡାର୍‌ର ଅଲଙ୍କାର୍ ସ୍ଥାନାନ୍ତର୍ ପ୍ରକ୍ରିୟା ମୁଲ୍ ହେବା ଆଉ ଅଧିକୃତ ବ୍ୟକ୍ତିମାନେ ରତ୍ନଭଣ୍ଡାର୍ ଭିତର୍‌କେ ଯାଇପାର୍‌ବେ ବଲି ଯାଂଚ୍ କମିଟିର୍ ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ । ଯାଂଚ୍ କମିଟିଥି ୧୧ ଝନ୍ ରହିଛନ୍ ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ୍ ଡକ୍ଟର୍ ଅରବିନ୍ଦ ପାଢ଼ୀ ସୂଚ୍‌ନା ଦେଇଛନ୍ ।

ଅଧରପଣା            ଆର୍‌ଏନ୍‌ୟୁ /ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ଦ୍ୱାଦଶୀ ତିଥି ନ ରଥ୍‌ମାନ୍‌କେ ମାହାପୁରୁ ମାନ୍‌କୁ ଆଏଜ୍ ଅଧରପଣା ଭୋଗ ଲଗାଯିବା । ଅଧରପଣା ନୀତି ଅନ୍‌ସାରେ ରାତି ୮ ବଜେ ଚତୁର୍ଦ୍ଧାମୂର୍ତିଙ୍କର୍ ଅଧର ଉଚ୍ଚାର୍ ମାଟି ହାଁଡିଥି ପଣା ତିଆର୍ କରାଯିବା । ଫି’ ରଥରେ ୩ ଟା ଲେଖା ହାଁଡ଼ିଥି ପଣା ଭୋଗ୍ କରାଯିବା । ଭୋଗ୍ ଲଗାଯିବାର୍ ଉତ୍‌ରୁ ଅଧର୍ ହାଁଡ଼ିମାନ୍‌କୁ ଭଙ୍ଗାଯିବା । ଅଧରପଣା ନୀତି ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ରାଘବ ଦାସ ମଠ ବଡ଼ଓଡ଼ିଆ ମଠ ତରଫୁ ସବୁ ପ୍ରସ୍ତୁତି ଶେଷ୍ ହେଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଇ ପଣା ଭୋଗ ପାର୍ଶ୍ୱଦେବାଦେବୀ, ଅଶରୀରୀ ଆର୍ ଚଣ୍ଡିଚାମୁଣ୍ଡାଙ୍କୁ ଅର୍ପଣ୍ କରାଯାଏସି ।

ସୁନାବେଶ            ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଗଲାକାଏଲ୍ ଚତୁର୍ଦ୍ଧାମୂର୍ତିଙ୍କର୍ ସୁନାବେଶ ହେଇଯାଇଛେ । ଇ ବେଶ ଦେଖ୍‌ବାର୍ ଲାଗି ଲକ୍ଷାଧିକ ଭକ୍ତଙ୍କର୍ ଭିଡ଼୍ ହେଇଥିଲା । ମହାପ୍ରଭୁ ଶ୍ରୀ ବଳଭଦ୍ର, ଶ୍ରୀଜଗନ୍ନାଥ ଆର୍

ଦେବୀ ସୁଭଦ୍ରାଙ୍କର୍ ତିନ୍‌ହି ରଥ ଉପ୍‌ରେ ମଧ୍ୟାହ୍ନ ଧୂପ, ସନ୍ଧ୍ୟାଆଲ୍‌ତୀ ଆର୍ ଏକାଦଶୀ ସର୍ବାଙ୍ଗ ଉତ୍‌ରୁ ଶ୍ରୀମନ୍ଦିର୍‌ର ଭଣ୍ଡାର୍ ଘରୁ ପାଳିଆ, ମେକାପ ଆର୍ ଖୁଂଟିଆ ସେବକ ମାନେ ସୁନା ଅଲଙ୍କାର୍ ଆନିକରି ବେଶ କରିଥିଲେ । ପ୍ରଭୁ ଶ୍ରୀ ବଳଭଦ୍ର, ଶ୍ରୀ ଜଗନ୍ନାଥ ଆର୍ ଦେବୀ ସୁଭଦ୍ରା କିରିଟ ପିନ୍ଧିଥିଲେ । ବଡ଼ଠାକୁର ଶ୍ରୀ ବଳଭଦ୍ର ଆର୍ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ସୁବର୍ଣ୍ଣ ଶ୍ରୀଭୂଜ ଆର୍ ଶ୍ରୀପୟର ଲାଗି କରାଯାଇଥିଲା । ମହାପ୍ରଭୁ ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନୀ, ଘାଘଡ଼ାମାଳୀ ବାଗିର୍ ଅଲଙ୍କାର୍ ଧାରଣ୍ କରିଥିଲେ । ସୁନାବେଶଥି ଥାଇକରି ରଥ ଉପ୍‌ରେ ମହାପ୍ରଭୁଙ୍କର୍  ସନ୍ଧ୍ୟା ଆଲତୀ, ସନ୍ଧ୍ୟାଧୂପ, ମହାଦୀପ ବନ୍ଦାପନା, ଚନ୍ଦନ ଲାଗି, ବଡ଼ସିଂହାର ବେଶ ଆର୍ ଭୋଗ କରାଯାଇଥିଲା । ହରିଶୟନ ନୀତି ଉତ୍‌ରୁ ରାତ୍ର ପହୁଡ଼ କରାଯାଇଥିଲା । ଆଏବା କାଏଲ୍ ମାହାପୁରୁମାନ୍‌କର୍ ନୀଳାଦ୍ରୀ ବିଜେ ହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ଭଟ୍‌ଲି ଦଧିବାମନ- ସୁନାବେଶ            ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲାର୍ ଭଟ୍‌ଲି ଠାନେ ଗଲାକାଏଲ୍ ଦଧିବାମନ୍ ମାହାପୁରୁଙ୍କର୍ ସୁନାବେଶ ହେଇଯାଇଛେ । ମାହାପୁରୁଙ୍କୁ ନୂଆଁ

ପାଟବସ୍ତ୍ର, ସୁନାମୁକୁଟ, ଭୂଜ, ଲଲାଟପାଟି , ମଥାମଣି ବାଗିର୍ ସୁନା ଅଲଙ୍କାର୍ଥି ବେଶ କରାଯାଇଥିଲା । ଇ ବେଶ ଦେଖିବାର୍ ଲାଗି ପଡ଼ୋଶୀ ଛତିଶ୍ଗଡ୍ ସହେତେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗାର୍ ଭକ୍ତମାନ୍କର୍ ବହୁତ୍ ଭିଡ୍ ହେଇଥିଲା ।

ରାଜ୍ୟ ମନ୍ତ୍ରୀ ପରିଷଦ୍ର ବୈଠକ ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟ ମନ୍ତ୍ରୀ ପରିଷଦ୍ର ବୈଠକ୍ ଆଏଜ୍ ଭୁବ୍ନେଶ୍ୱର୍ ନ ବସ୍ବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ହେବାର୍କେ ଥିବା ଇ ବୈଠକ୍ଥି - ଆଏବା ୨୨ ତାରିଖ୍ନୁ ବଜେଟ୍ ଅଧିବେଶନ୍ ମୁଲ୍ ହେଉଥିବାର୍ନୁ ଚିଠା ବଜେଟ୍କେ ଅନୁମୋଦନ୍ ମିଲ୍ବା ବଲି ଜନାପଡ଼ିଛେ । ଆଏବା ୨୫ ତାରିଖ୍ ଦିନ ବିଧାନ୍ସଭା ନ ନୂଆଁ ସର୍କାର୍ ପହେଲା ବଜେଟ୍ ଆନ୍ବେ ।

ରାଜ୍ୟ ଯୋଜନା ବୋର୍ଡ୍ ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟ ସର୍କାର୍ ରାଜ୍ୟ ଯୋଜନା ବୋର୍ଡ଼୍‌କେ ଭଙ୍ଗ କରିଛନ୍ । ରାଜ୍ୟ ଯୋଜନା ବୋର୍ଡ଼୍ ଭାଙ୍ଗ୍‌ବାର୍ ଲାଗି ଆସିଥିବା ପ୍ରସ୍ତାବ୍‌କେ ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅନୁମୋଦନ୍ କରିଛନ୍ । ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀଙ୍କର୍ ବ୍ୟକ୍ତିଗତ ସଚିବ ଆର୍‌ଏନ୍‌ୟୁ /ସମ୍ବଲପୁର

କଟକ୍ ଜିଲ୍ଲାପାଲ୍ ଅରବିନ୍ଦ ଡାକୁଆଙ୍କୁ ମୁଖ୍ୟମନ୍ତ୍ରୀଙ୍କର୍ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ଦିଆଯାଇଛେ । ସେନ୍ତା ଜଗତ୍‌ସିଂହପୁର୍ ଜିଲ୍ଲାପାଲ୍ ଅନୁପମ୍ ସାହାଙ୍କୁ ମୁଖ୍ୟମନ୍ତ୍ରୀଙ୍କର୍ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛେ ବଲି ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଖଣିମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ଆର୍‌ଏନ୍‌ୟୁ /ସମ୍ବଲପୁର

ମୟୁର୍‌ଭଞ୍ଜ୍ ଜିଲ୍ଲାର୍ ଅମର୍ଦା ରୋଡ଼୍ ବିମାନ୍ ବନ୍ଦର୍‌କେ ଖୋବ୍ ଜଲ୍‌ଦି କାର୍ଯ୍ୟକ୍ଷମ୍ କରାଯିବା । ଇ ବାବ୍‌ଦେ ବାଣିଜ୍ୟ ଆଉ ପରିବହନ୍, ଇସ୍ପାତ୍ ଆଉ ଖଣିମନ୍ତ୍ରୀ ବିଭୂତି ଭୂଷଣ୍ ଜେନା- ଗୃହନିର୍ମାଣ ଆଉ ନଗର୍ ଉନ୍ନୟନ୍, ସାଧାରଣ୍ ଉଦ୍ୟୋଗ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କର୍ ସାଙ୍ଗେ ଆଲୋଚନା କରିଛନ୍ । ଦୁହି ମନ୍ତ୍ରୀ ଇ ବିମାନ୍ ବନ୍ଦର୍‌ର ନିର୍ମାଣ୍ କାମ୍‌ର ସମୀକ୍ଷା କର୍‌ବାର୍ ସହେତେ ଜଲ୍‌ଦି କାର୍ଯ୍ୟକ୍ଷମ୍ କର୍‌ବାର୍‌କେ ସହମତ୍ ହେଇଥିଲେ । ଇତାର୍‌ଛଡ଼ା ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍‌ର ବିକାଶ୍ ଲାଗି ଭିଲ୍ ଆଲୋଚନା ହେଇଥିଲା । ଆଲୋଚନା ସମିଆଥି ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ଭିଲ୍ ଉପସ୍ଥିତ୍ ଥିଲେ ।

ୟୁଜିସି ଆର୍‌ଏନ୍‌ୟୁ / ସମ୍ବଲପୁର

ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍ - ୟୁଜିସି ବାର୍‌ବାର୍ ତାଗିଦ୍ କରିଥିଲେ ଭିଲ୍ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ ପଦବୀ ପୂରଣ୍ ନାଇଁ ହେଉଥିବାର୍‌ନୁ ୟୁଜିସି ଉଦ୍‌ବେଗ ପ୍ରକାଶ କରିଛେ । ଆଏବା ୩୧ ତାରିଖ୍‌ତକ୍ ନିଯୁକ୍ତି ପ୍ରକ୍ରିୟାର୍ ଷ୍ଟାଟସ୍ ରିପୋର୍ଟ ଅପ୍‌ଲୋଡ୍ କର୍‌ବାର୍‌କେ ୟୁଜିସି ନିର୍ଦ୍ଦେଶ୍ ଦେଇଛେ । ଇ ବାବ୍‌ଦେ ୟୁଜିସି

ତର୍ଫୁ ସବୁ ବିଶ୍ୱବିଦ୍ୟାଳୟର୍ କୁଳପତି ଆର୍ କଲେଜ୍ ଅଧ୍ୟକ୍ଷ ମାନ୍‌କୁ ଚିଠି ଲେଖାଯାଇଛେ ।

ବର୍ଗଡ଼୍ ଜବର୍ଦଖଲ୍ ଉଚ୍ଛେଦ ଆର୍‌ଏନ୍‌ୟୁ /ସମ୍ବଲପୁର

ବର୍ଗଡ଼୍ ସହରେ ଜବର୍ଦଖଲ୍ ଉଚ୍ଛେଦ୍ ଲାଗି ପ୍ରଶାସନ୍ ତର୍ଫୁ ପଦକ୍ଷେପ୍ ନିଆଯାଇଛେ । ଇଥିର୍‌ଲାଗି ସହରର୍ ଭିନ୍ ଭିନ୍ ରାସ୍ତାନ ସର୍କାରୀ ଜାଗା ମାନ୍‌କେ ଚିହ୍ନଟ୍ କରାଯାଉଛେ । ଜବର୍ଦଖଲ୍ କରାଯାଇଥିବା ଜାଗା ମାନ୍‌କେ ଛାଡ଼୍‌ବାର୍ ଲାଗି ଜବର୍ଦଖଲ୍‌କାରୀମାନ୍‌କୁ ୪୮ ଘଂଟାର୍ ସମିଆ ଦିଆଯାଇଛେ । ଇ ବାବ୍‌ଦେ ମାଇକ୍‌ଥି ଲୋକ୍‌ମାନ୍‌କୁ ସୂଚ୍‌ନା ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏବା କାଏଲ୍ ପଶ୍ଚିମ କେନ୍ଦ୍ରୀୟ ଆର୍ ତାର୍ ଆଖର୍‌ପାଖର୍ ଇଲାକା ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ଆଏଜ୍‌ନୁ ରାଏଜେ ବର୍ଷା ବଢ଼୍‌ବା । ୨୧ ତାରିଖ୍ ଦିନ ରାଜ୍ୟର୍

ଭିତ୍‌ରିଆ ଇଲାକା ସହେତେ ପଶ୍ଚିମ୍ ଓଡ଼ିଶାର୍ କେତେଟା ଜିଲ୍ଲା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ଥିବାର୍‌ନୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।